# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 April - 2024**

*News Editor :* **Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଚଳିତ ମାସ ୧୮ ତାରିଖରେ ପ୍ରକାଶ ପାଇବ ବିଜ୍ଞପ୍ତି
- ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମାଓବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣରେ ରଖିବା ଲାଗି ପୁଲିସ୍ ବିଭାଗର ଉଚ୍ଚସ୍ତରୀୟ ବୈଠକ
- ସମ୍ବଲପୁରଠାରେ ଆସନ୍ତା ୩ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ପାଣିପାଗ ସମ୍ପର୍କିତ ଡପଲର ରାଡାର

ଏବଂ

- ଗବେଷଣାକୁ ପ୍ରୋତ୍ସାହନ ଦେଇ ଦକ୍ଷତାର ବିକାଶ ଦିଗରେ ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ହୋମିଓପାଥି ଦିବସ

## ମତଦାନ ପାଇଁ ୧୮ରେ ବିଜ୍ଞପ୍ତି

ରାଜ୍ୟରେ ୪ଟି ପର୍ଯ୍ୟାୟ ନିର୍ବାଚନ ମେ' ମାସ ୧୩ ତାରିଖରୁ ଆରମ୍ଭ ହୋଇ ଜୁନ୍ ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ଚଳିତମାସ ୧୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତମାସ ୨୫ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବ ଏବଂ ୨୯ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି । ଏପ୍ରିଲ ୨୬ ତାରିଖରେ ପ୍ରାର୍ଥୀପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ।

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ୪ଟି ସଂସଦୀୟ କ୍ଷେତ୍ର ସମେତ ୨୮ଟି ବିଧାନସଭା ଆସନରେ ମତଦାନ ହେବ ।

## ମାଓ ବୈଠକ

ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ମାଓବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଲାଗି ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଏଡିଜି ଅପରେସନ୍ ଦେବଦତ୍ତ ସିଂ, ଆଇନ୍‌ଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କ ସମେତ ବହୁ

ବରିଷ୍ଠ ଅଧିକାରୀ ଯୋଗଦେଇ ନିର୍ବାଚନ ବେଳେ ମାଓବାଦୀ ଏବଂ ନକ୍ସଲ କାର୍ଯ୍ୟକଳାପକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା । ରାଜ୍ୟର ଆଇନ୍ ଶୃଙ୍ଖଳା ସ୍ଥିତି ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

## ଅସ୍ଥାବର ସମ୍ପତ୍ତି ତାଲିକା

ଆଗାମୀ ସାଧାରଣ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ ସମୟରେ ଜଣେ ପ୍ରାର୍ଥୀ ତାଙ୍କର ସମସ୍ତ ଅସ୍ଥାବର ସମ୍ପତ୍ତି ତାଲିକା ଦେବାର ଆବଶ୍ୟକତା ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଓ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତକାଲି ଏହି ରାୟ ଦେଇଛନ୍ତି । ୨୦୧୯ ନିର୍ବାଚନରେ ଅରୁଣାଚଳ ପ୍ରଦେଶର ତେଜୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଜଣେ ସ୍ୱାଧୀନ ବିଧାୟକଙ୍କ ବିରୁଦ୍ଧରେ ଆଗତ ଅସ୍ଥାବର ସମ୍ପତ୍ତି ଦାଖଲ କରି ନଥିବା ମାମଲାର ଶୁଣାଣି କରି ସୁପ୍ରିମ୍‌କୋର୍ଟ ଏହି ରାୟ ଦେଇଛନ୍ତି ।

## ବିଜେପି ତାଲିକାରେ ମହିଳା

ଆଗାମୀ ଲୋକସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଘୋଷଣା କରାଯାଇଥିବା ପ୍ରାର୍ଥୀ ତାଲିକାରେ ୧୬ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି । ଏପର୍ଯ୍ୟନ୍ତ ଘୋଷଣା କରାଯାଇଥିବା ୪୧୯ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୬୭ ଜଣ ମହିଳା ପ୍ରାର୍ଥୀ ଅଛନ୍ତି । ୨୦୧୯ରେ ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କ ଠାରୁ ଏହା ୧୨ ପ୍ରତିଶତ ଅଧିକ । ୨୦୧୪

ପରଠାରୁ ବିଜେପି ଦେଶର ପ୍ରତ୍ୟେକ ନିର୍ବାଚନରେ ଅଧିକ ସଂଖ୍ୟକ ମହିଳାମାନଙ୍କୁ ପ୍ରାର୍ଥୀ କରିଛି । ୨୦୧୪ ନିର୍ବାଚନରେ ୭୮ ଦଶମିକ ୯/୫ ପ୍ରତିଶତ ମହିଳା ବିଜୟୀ ହୋଇଥିବାବେଳେ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ କରିଥିବା ୭୧ ପ୍ରତିଶତ ମହିଳା ବିଜୟ ହାସଲ କରିଥିଲେ । ସୂଚନାଯୋଗ୍ୟ, ସପ୍ତଦଶ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ୭୮ ଥିଲା ।

## ଭିଭିପାଟ୍ ଶୁଣାଣି

ଭୋଟର ଭେରିଫାଏବୁଲ୍ ପେପର ଅଡିଟ୍ ଟ୍ରାଏଲ୍-ଭିଭିପାଟ୍ ମେସିନ୍‌ଗୁଡ଼ିକର ପୁନଃ ଯାଞ୍ଚ କରିବା ଲାଗି ହୋଇଥିବା ଆବେଦନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଆସନ୍ତା ୧୬ ତାରିଖରେ ଶୁଣାଣି କରିବେ । ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜୀବ୍ ଖନ୍ନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିବେ । ଗତକାଲି ଏ ସଂକ୍ରାନ୍ତ ମାମଲାକୁ ତାଲିକାଭୁକ୍ତ କରାଯାଇଛି । ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ - ଇଭିଏମ୍ ମାଧ୍ୟମରେ ମତଦାନ ସମୟରେ ଜଣେ ଭୋଟରଙ୍କ ଭୋଟ୍ ଠିକ୍ ଚିହ୍ନରେ ମତଦାନ ହୋଇଛି କି ନାହିଁ ସେ ସଂକ୍ରାନ୍ତରେ ଯାଞ୍ଚ ଲାଗି ଭିଭିପାଟ୍‌ରୁ ଏକ କାଗଜ ସ୍ଲିପ୍ ଆସିଥାଏ । ଏଥିରେ ଭୋଟରମାନେ ଦେଇଥିବା ପ୍ରାର୍ଥୀଙ୍କ ନାମ ଚିହ୍ନ ଆଦି ରହିଥାଏ । କୌଣସି ପ୍ରକାର ବିବାଦ ସମୟରେ ଏହି ସ୍ଲିପ୍‌ଗୁଡ଼ିକୁ ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି ।

## +୨ - ମୂଲ୍ୟାୟନ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ - ଡଐଝର ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଖାତାର ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ  ପ୍ରକ୍ରିୟା ଜାରି ରହିଛି । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମୂଲ୍ୟାୟନ ଚାଲିବ । ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ଖାତା ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇଛି । ରାଜ୍ୟର ୬୯ଟି ଅଫ୍‌ଲାଇନ୍ ଓ ୪୧ଟି ମୂଲ୍ୟାୟନ କେନ୍ଦ୍ରରେ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଚାଲିଛି । ୭ ହଜାରରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉଭୟ ମୂଲ୍ୟାୟନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ତେବେ ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ଶେଷ ହୋଇ ମଇ ମାସ ୧୩ ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୦ରେ ଯୁକ୍ତ ଦୁଇ ପରୀକ୍ଷା ଶେଷ ହୋଇ ୨୨ରୁ ଖାତାଦେଖା ଆରମ୍ଭ ହୋଇଥିଲା ।

## ସି-ବ୍ୟାଣ୍ଡ ଡପ୍‌ଲର ରାଡାର

ସମ୍ବଲପୁରଠାରେ ଆଗାମୀ ୩ ମାସ ମଧ୍ୟରେ ଡପ୍‌ଲର ରାଡାର କାର୍ଯ୍ୟକ୍ଷମ ହେବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସମ୍ବଲପୁରଠାରେ ଲାଗିବାକୁ ଥିବା ସି-ବ୍ୟାଣ୍ଡ ଡପ୍‌ଲର ରାଡାରର ସମସ୍ତ ଯନ୍ତ୍ରାଂଶ ଇତିମଧ୍ୟରେ ଭୁବନେଶ୍ୱର ପାଣିପାଗ କେନ୍ଦ୍ରଠାରେ  ପହଞ୍ଚିସାରିଛି ଏବଂ ଏହା ଖୁବ୍ ଶୀଘ୍ର ସମ୍ବଲପୁରକୁ ସ୍ଥାନାନ୍ତର ହେବ ବୋଲି ସୂଚନା ମିଳିଛି ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ସମ୍ବଲପୁରର ଜମାଦାରପାଲିଠାରେ ଡପ୍‌ଲର ରାଡାର କେନ୍ଦ୍ର ସ୍ଥାପନ ପାଇଁ ଜମି ଯୋଗାଇ ଦେଇଛନ୍ତି ଏବଂ ସେଠାରେ ଭିତ୍ତିଭୂମି ମଧ୍ୟ ସ୍ଥାପିତ ହୋଇସାରିଛି ।

## ଦୁର୍ଘଟଣା-୩ ମୃତ

କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଗୁମୁରିଗୁଡ଼ା ଧନପୁର ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିବା ସହ ୪ ଜଣ ଆହତ ହୋଇଛନ୍ତି । ଧନପୁର ବାଲିଯାତ୍ରାରୁ ବାଇକ୍ ଯୋଗେ ସେମାନେ ଫେରୁଥିବା ସମୟରେ ଅନ୍ୟ ଏକ ଗାଡ଼ି ସହ ମୁହାଁମୁହିଁ ଧକ୍‌କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଜୟପୁରସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଭୋଟର ସଚେତନତା ଶୋଭାଯାତ୍ରା

ଆଗାମୀ ସାଧାରଣ ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟରମାନଙ୍କ ଅଂଶଗ୍ରହଣ କରିବା ନିମନ୍ତେ ଢେଙ୍କାନାଳଠାରେ ଡାକମଣ୍ଡଳ ପକ୍ଷରୁ 'ପ୍ରଭାତଫେରି' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ଡାକମଣ୍ଡଳ କାର୍ଯ୍ୟାଳୟରୁ ବହୁ ସଂଖ୍ୟାରେ ଡାକ କର୍ମଚାରୀମାନେ ଭୋଟର ସଚେତନତା ସଂକ୍ରାନ୍ତ ସ୍ଲୋଗାନ ଦେବା ସହ ପ୍ଲା-କାର୍ଡ ଧରି ସହର ପରିକ୍ରମା କରିଥିଲେ ।

## ସ୍କୁଲ ସମୟ ପରିବର୍ତ୍ତନ

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ଆଜିଠାରୁ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ସମୟ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ  କ୍ରମେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଏହି ପରିବର୍ତ୍ତିତ ସମୟ ଅନୁସାରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ସକାଳ ୭ଟାରୁ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ହେବା ଲାଗି ସମୟ ନିର୍ଦ୍ଧାରିତ ହୋଇଥିଲା ।

## ଚଡକ ମେଳା

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ମହାପ୍ରଭୁଙ୍କର ପ୍ରସିଦ୍ଧ ଚଡକମେଳା ଅନୁଷ୍ଠିତ ହେଉଛି । ଆଜି ଏହି ଅବସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଶିବ ଏବଂ କାମିନୀଙ୍କ ବିବାହ ଉତ୍ସବ ହେଉଛି ।  ଏହି ଚଡକ ମେଳା ଦେଖିବା ଲାଗି ରାଜ୍ୟ ସମେତ ପଡୋଶୀ ପଶ୍ଚିମବଙ୍ଗ, ଝାଡଖଣ୍ଡ ଅଂଚଳର ପ୍ରାୟ ୫୦ ହଜାର ଲୋକ ସମବେତ ହୋଇଛନ୍ତି । ଉପବିତଧାରୀ ଶ୍ରଦ୍ଧାଳୁମାନେ ଚନ୍ଦନେଶ୍ୱର ମହାପ୍ରଭୁଙ୍କୁ ଧ୍ୟାନପୂର୍ବକ ଅର୍ଘ୍ୟ ଉପାସନା ପରେ ବ୍ରତ ଭଙ୍ଗ କରିଥାନ୍ତି । ଆସନ୍ତାକାଲି ପ୍ରସିଦ୍ଧ ନୀଳ ପର୍ବ ଅନୁଷ୍ଠିତ ହେବ ଏବଂ ଶୁକ୍ରବାର ପାଟପର୍ବ ପରେ ଚଡକମେଳା ଉଦ୍‌ଯାପିତ ହେବ । ଶାନ୍ତି ଶୃଙ୍ଖଳାର ସହ ମେଳା ସମ୍ପନ୍ନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ବିଶ୍ୱ ହୋମିଓପାଥିକ ଦିବସ

ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କର ଜନ୍ମଦିନ ଏପ୍ରିଲ ମାସ ୧୦ତାରିଖକୁ ବିଶ୍ୱ ହୋମିଓପ୍ୟାଥି ଦିବସ ଭାବେ ପାଳନ କରାଯାଉଛି । ବିଭିନ୍ନ ରୋଗର ଚିକିତ୍ସାକ୍ଷେତ୍ରରେ ହୋମିଓପ୍ୟାଥି ଗୋଟିଏ ବିକଳ୍ପ ସ୍ୱାସ୍ଥ୍ୟ ଚିକିତ୍ସା ପଦ୍ଧତି । ବିଶ୍ୱର ୮୦ରୁ ଅଧିକ ଦେଶରେ ହୋମିଓପ୍ୟାଥି ଚିକିତ୍ସାକୁ ଗ୍ରହଣ କରିଛନ୍ତି । ପକ୍ଷଘାତ, ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପ ଠାରୁ ଆରମ୍ଭ କରି ମଧୁମେହ, ଗ୍ୟାଷ୍ଟ୍ରିକ, ସ୍ନାୟୁରୋଗ ପର୍ଯ୍ୟନ୍ତ ହୋମିଓପ୍ୟାଥିକ ଚିକିତ୍ସାରେ ସୁଫଳ ମିଳିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହୋମିଓପ୍ୟାଥି ଚିକିତ୍ସାକୁ ମାନ୍ୟତା ଦେବା ସହିତ ଏହି ଚିକିତ୍ସାର ଗୁଣବତ୍ତା ରହିଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଚିକିତ୍ସାରେ ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ । ହୋମିଓପ୍ୟାଥି ଡାକ୍ତରଙ୍କର ପରାମର୍ଶ ଅନୁସାରେ ଠିକ୍‌ଭାବେ ଚିକିତ୍ସିତ ହେଲେ ରୋଗୀର ରୋଗ ସମ୍ପୂର୍ଣ୍ଣଭାବେ ମୂଳୋତ୍ପାଟନ ହୋଇଥାଏ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଯୋଗୁଁ ହୋମିଓପ୍ୟାଥି ଚିକିତ୍ସା ଦେଶରେ ସୁଫଳ କାର୍ଯ୍ୟକାରୀ କରାଯାଉଛି । ରାଜ୍ୟରେ ୫୯୫ଟି ହୋମିଓପ୍ୟାଥିକ ଡାକ୍ତରଖାନା ଓ ଚାରିଟି ହୋମିଓପାଥି ମହାବିଦ୍ୟାଳୟ ରହିଛି । **ଚଳିତବର୍ଷର ହୋମିଓପ୍ୟାଥି ଦିବସର ବାର୍ତ୍ତା ହେଉଛି 'ଗବେଷଣାକୁ ପ୍ରୋତ୍ସାହନ ଦେଇ ଦକ୍ଷତାର ବିକାଶ'** ।

<u>ଏହି ଅବସରରେ ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ହୋମିଓପ୍ୟାଥି ବୈଜ୍ଞାନିକମାନଙ୍କର ସମ୍ମିଳନୀର ଉଦ୍‌ଘାଟନ କରିଛନ୍ତି ।</u>

# ପାଣିପାଗ

ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ପବନ ବହିବାର ସମ୍ଭାବନା ଥିବାରୁ ଆସନ୍ତା ଶନିବାର ଠାରୁ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ କହିଛି । ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪୦ ଡ଼ିଗ୍ରୀରୁ ଉର୍ଦ୍ଧ୍ୱ ରହିବ । ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁଁ ତାପମାତ୍ରା ଗତ ଦୁଇଦିନ ତଳେ ପ୍ରାୟ ୬ ଡିଗ୍ରୀ ହ୍ରାସ ପାଇଥିଲା । ହେଲେ ଗତକାଲିଠାରୁ ତାପମାତ୍ରା ବୃଦ୍ଧି ପାଇଛି । ପାରଳାଖେମୁଣ୍ଡିରେ ଗତକାଲି ୩୯ ଦଶମିକ ୨ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।